## ବଶିଷ୍ଠଙ୍କର ଅଷ୍ଟବସୁଙ୍କ ପ୍ରତି ଅଭିଶାପ

ସମସ୍ତ ତେଜ୍ୟା କରି ତପକୁ କଲା ଇଛା
ପଶିଲା ଧର୍ମେ ରାଜା ଅମର ପଦ କଲା ବାଞ୍ଛା ।୧ ।
ମହାଘଓର ତପେ ସେ ବସିଲେ ବିଶ୍ୱାମିତ୍ରେ
ଶୂନ୍ୟ ଭେଦି ତଲୟେ କରନ୍ତି ଶୁଦ୍ଧ ଚିତ୍ତେ ।୨ ।
ଲୋହ ଚୂରି ଭକ୍ଷିଲା ନବ ସହସ୍ର ବରଷ
ଶୂନ୍ୟ ପରୁଷମାନେ ହୋଇଲେ ଆସି ଦୃଶ୍ୟ ।୩ ।
ବିଶ୍ୱାମିତ୍ରେ ବୋଇଲେ ଅଷ୍ଟବସୁନ୍ତ ରାଇ
ବଶିଷ୍ଠଙ୍କ ତହୁଂ ଦିଅ ମୋତେ କାମଧେନୁ ଗାଇ ।୪ ।
ରାଜରଷିର ବଚନେ ଚଳିଲେ ଅଷ୍ଟବସୁ
ବଶିଷ୍ଠଙ୍କର ଗାଇ ସେ ଦେଖିଲେ ଆଶ୍ରମରେ ପଶୁଂ ।୫ ।
ଚଉର୍ଯ୍ୟ ପଣ ଧରି ପଶିଲେ ନିଶାକାଳେ
ଆଶ୍ରମେ ପଶି ଗାଇ ଫେଇଲେ ବାହୁ ବଳେ ।୬ ।
ଗାଇକି ଓଡାଇ ସେ ନେଇ ଯାଉଛନ୍ତି ବନେ
ରୟେଣୀ ପ୍ରଭାତେ ମନ୍ଦିରେ ଗାଇ ନ ଦେଖିଲେ ମହାମୁନ୍ୟେ ।୭ ।
ଦୁହିଂବାକୁ ଲୋଡିଲେ ନାହିଂ ଗାଇ ଗୋଟି
ଆଶ୍ରମ ଚଉକତି ଲୋଡନ୍ତି ତପନିଷ୍ଠ ।୮ ।
ଅନେକ ଶ୍ରମେଣ ପଡି ଲୋଡନ୍ତି ମୁନି ଗାଇ
ବସୁୟେ ବୋଇଲେ ୟେମନ୍ତେ ନେମା ଯେ କି- ଇ ।୯ ।
ମହାମନ୍ତ୍ର ଧୂଳି ପକାଇ ଆଷ୍ଟେ ଅଷ୍ଟଭାଇ
ଆପଣା ଇଛାୟେ ଯେ ପଛେ ଗୋଡାଇ ଅଛି ଗାଇ ।୧୦ ।
ଦୃମନ ପର୍ବତେ ଯେ ବାନ୍ଧିଲେ ନେଇ ଗାଇ
ଗଣ୍ଡାୟେକ ମାରି ସେ ସଉରୀ ଭୋଜନ ଖାଇ ।୧୧ ।
ଗାଇକି ଲୋଡିଣ ଯାଉଛନ୍ତି ବଶିଷ୍ଠେ
ଭେଟିଲେ ଗାଇକି ଦୃମନ ଗିରି ନିକଟେ ।୧୨ ।
ଧାଇଂ ଯାଇଂ କତିରେ ଭେଟିଲେ ବ୍ରହ୍ମଚାରୀ
ଆଶ୍ୱାନୀ ଗାଇକି ଫେଇଲେ ଦଉଡି ।୧୩ ।
ପର୍ବତ ଉପରୁଂ ଧାଇଂ ଅଇଲେ ଉମା ବସୁ
ବଶିଷ୍ଠଙ୍କଉପରେ ପିଟିଲେ ଯାଠି ଯେ ପରଶୁ ।୧୪ ।
ଯାଠି ପଡି ମୁନି ଅଙ୍ଗ ମହା ବ୍ୟଥା ପାଇ
ରାଗେଣ ବୋଇଲେ ତୁ ଥାଅ ରେ ନପୁଂସକ ହୋଇ ।୧୫ ।
ମର୍ତ୍ତେ ଜାତ ହୁଅ ଯାଇଂ ଗଙ୍ଗାର ଉଦରେ
ଅପୁତ୍ରିକ ହୋଇ ନାଶ ଯାଅ ଭାରଥ ଯୁଦ୍ଧରେ ।୧୬ ।
ବିଷମ ଶାପ ପାଇ ଉମାବସୁ ଯେ ଗଲା
ଶେଷେ ଭୀଷ୍ମ ଗଙ୍ଗାର ପୁତ୍ର ଯେ ହୋଇଲା ।୧୭ ।
ବଶିଷ୍ଠେ ଯାଉଛନ୍ତି ଅଡାଇଣ ଗାଇ
ଅନିଳ ବସୁ ଧାଇଂ ଲଉଡି ୟେକ ବୁଲାଇ ।୧୮ ।
ଅନିଳ ବସୁ ବଶିଷ୍ଠଙ୍କୁ ପିଟିଲା ନେଇ ବାଡି
ବଶିଷ୍ଠେ ବୋଇଲେ ତୁ ଅନ୍ଧ ହୋଇଥାଅ ପଡି ।୧୯ ।
ସେ ମହାତ୍ମାର ଶାପ ଯେ ମେଷ୍ଟଣ ନ ଗଲା
ଅନିଳେକ ବସୁ ତତକ୍ଷଣେ ଅନ୍ଧ ଯେ ହୋଇଲା ।୨୦ ।

-----------------------------

୧୫ ।୧ ଯଷ୍ଟି, ଲାଠି ଯଷ୍ଟି, ବାଡି

ଅନିଳ ବସୁ ବୋଇଲା ଶୁଣ ହେ ବଶିଷ୍ଠ

ବିଶ୍ୱାମିତ୍ରଙ୍କ ଆଗ୍ୟାଂୟେ ଆମ୍ଭେ ପାଇଲୁ ୟେତେ କଷ୍ଟ ।୨୧ ।
ଚକ୍ଷୁ ମୁକତକୁ ମୋତେ କହିବା କାରଣ
ବଶିଷ୍ଠେ ବୋଇଲେ ପଡିଥାଅ ୟେହି ବନସ୍ତେଣ ।୨୨ ।
ଦ୍ୱାପର ଯୁଗେ ୟେ ଅରଣ୍ୟେ ଆସିବେ ଧର୍ମ ଯୁଝେଷ୍ଠି
ତାହାଙ୍କୁ ଦେଖିଲେ ତୋହୋର ଅନ୍ଧ ପଟଳ ଯିବ ଫିଟି ।୨୩ ।
ପ୍ରାୟେକ ବସୁ ଧାଇଂଲେ କୋପ ଅପ୍ରମିତେ
ବଶିଷ୍ଠଙ୍କର ଗାଈ ନିଅନ୍ତେ ଧଇଲେ କୋପ ଚିତ୍ତେ ।୨୪ ।
ଗାଈ ଧରି ବଶିଷ୍ଠଙ୍କୁ ପକାଇଲେ ପେଲି
ବାଡିୟେକ ପିଟିଲେ ସେ ଅନେକ ମନ୍ଦ ବୋଲି ।୨୫ ।
କୋପେଣ ଶାପ ତାଙ୍କୁ ଦିଲେ ମୁନି ଦ୍ୱିଜ
ବୋଇଲେ ପର ଉପୁଗାରୀ ହୋଇ ଜଦୁର ଘରେ ହୁଅସି ଦହିଜ ।୨୬ ।
ପୁଣି ଗାଈ ଘେନି ଯା'ନ୍ତେଣ ତପୋଧନ
ଆର ପାଞ୍ଚ ବସୁ ଧାଇଂଲେ ମହା କୋପ ମନ ।୨୭ ।
ଲଉଡିୟେ ଲଉଡିୟେ ଘେନି କୋପେଣ ବୁଲାଇ
ବଶିଷ୍ଠଙ୍କ ଉପରେ ପ୍ରହାର କଲେ ନେଇ ।୨୮ ।
ମୁହଂ ମାଡି ଭୂମିରେ ପଡିଲେ ବଶିଷ୍ଠେ
ଗାଈ ଘେନିଣ ଯାଆନ୍ତି ପଞ୍ଚ ବସୁ ବଳିଷ୍ଠେ ।୨୯ ।
ସାଷ୍ଟମ ହୋଇଣ ମୁନି କଲେ କୋପ
ରାଗେଣ ବସୁଙ୍କୁ ବଶିଷ୍ଠେ ଦିଲେ ଶାପ ।୩୦ ।
ପାଞ୍ଚେ ହେଂ ହୋଅ ତୁମ୍ଭେ ଗଙ୍ଗାଙ୍କର ପୁଅ
ଜନ୍ମିଲା ଦିନ ହିଂ ତୁମ୍ଭେ ଶିରଚ୍ଛେଦ ହୋଅ ।୩୧ ।
ଶାପ ଦିଅନ୍ତେଣ ବସୁ ହିଂ ଅପସରି
ଭୋ ବଶିଷ୍ଠ ନ ଜାଣି ତୋହୋର ଗାବ କଲୁ ଚୋରି ।୩୨ ।
ଶିରଚ୍ଛେଦ ହୋଇବୁ ଯେବେ ମାତାଙ୍କର ହସ୍ତେ
ମୁକତିକି କାରଣ କହିବା ତପୋବନ୍ତେ ।୩୩ ।
ବଶିଷ୍ଠେ ବୋଇଲେ ରେ ଚୋରାଇଲ ୟେ ମୋହୋର ଗାବ
ବେନି ଜନ୍ମେ ତୁମ୍ଭେ ରେ ମୁକତ ହୋଇବ ।୩୪ ।
ଗଙ୍ଗାର ହାଥେ ଶିର ଛେଦନ ହୋଇବ ବାଳକାଳେ
ପୁଣ ଜନ୍ମ ହୋଇବ ଶବରୁଣୀର କୋଳେ ।୩୫ ।
ଅଜ ଶବର ନାମେ ତୁମ୍ଭର ହୋଇବ ତାତ
ସେହି କିରାତ ଉପରେ ପଡିବ ବଜ୍ର ନିର୍ଘାତ ।୩୬ ।
ମାତା ତୁମ୍ଭର ତୁମ୍ଭନ୍ତ ଘେନି ପଳାଇବ
ବାରୁଣାବନ୍ତେ ଯାଇଂ ଜଦୁର ଘରେ ଆଉଜିବ ।୩୭ ।
ଜଦୁର ଘରେ ଦହନ ହୋଇବ ସେହି ରାତି
ତହିଂ ତୁମ୍ଭେ ଦହନ ହୋଇବ ପାଞ୍ଚ ମୂର୍ତ୍ତି ।୩୮ ।
ଆରେ ଅଷ୍ଟବସୁ ତୁମ୍ଭେ ଚୋରାଇଲ ମୋହୋର ଗାବ
ଗୋରୁ ଚୋରା ନାମ ତୁମ୍ଭନ୍ତ ରହୁ ଚାରି ଯୁଗ ।୩୯ ।
ବଦନ୍ତି ଅଗସ୍ତି ଶୁଣ ମନୁ ମହା ଧାର୍ମିକ
କହନ୍ତେଣ କଥା ଯେ ନ ସରଇ ଅନେକ ।୪୦ ।
ଆହୋ ବଶିଷ୍ଠଙ୍କ ଶାପ୍ୟେଣ ଅଷ୍ଟ ବସୁ
ଜଦୁ ଘରେ ଛଡ ବସୁ ଶରୀର କଲେ ପାଂଶୁ ।୪୧ ।
ଶୁଦ୍ଧାଙ୍ଗ ସାଧ୍ୟଙ୍ଗ ଭିଗ୍ୟ ଭାଗ୍ୟବନ୍ତ
ସର୍ବଗ୍ୟ ପ୍ରାଗ୍ୟ ୟେ ଛଡ ବସୁ ସଙ୍କେତ ।୪୨ ।
ଶବରୁଣୀ ପୁତ୍ର ହୋଇ ପଞ୍ଚ ବସୁ ହୋଇଲେ ଦହନ
ପ୍ରାୟେ ବସୁ ଦହନ ହୋଇଲେ ପଣ୍ଡା ପୁରଞ୍ଜନ ।୪୩ ।

ଅନିଲ ବସୁ ଅନ୍ଧ ହୋଇ ପଡି ଅଛି ବନେ
ସେ ମୁକତି ହୋଇବ ଯୁଝେଷ୍ଠିଙ୍କ ଦରଶନେ ।୪୪ ।
ଉମା ବସୁ ଗଙ୍ଗାର ପୁତ୍ର ଭୀଷ୍ମ ମହାତେଜା
ଯୁଝେଷ୍ଠି ନିମନ୍ତେ ଭାରଥ ଯୁଦ୍ଧେ କରିବେ ଶରଶଯ୍ୟା ।୪୫ ।
ୟେମାନେ ଅଷ୍ଟ ବସୁ ଅଟନ୍ତି ଗୋରୁ ଚୋର
ପାଣ୍ଡବଙ୍କର ନିମନ୍ତେ ଧ୍ୱଂସିବେ ଶରୀର ।୪୬ ।
ବଶିଷ୍ଠଙ୍କ ଶାପୁଂ୍ୟ ୟେ ହୋଇଲେ ମୁକତ
ଯୁଝେଷ୍ଠିଙ୍କର କାର୍ଯ୍ୟ ନାହିଂ ଏହାଙ୍କର କାର୍ଯ୍ୟେ ୟେ ହୋଇଲେକ ହତ

--------------------------------

୪୭ ।୨ ଯୁଝେଷ୍ଠିଙ୍କ କାର୍ଯ୍ୟେ ହେବ ୟେହାଙ୍କର ହିତ ।
୪୨ ।୧ ଶୁଦ୍ଧାଙ୍ଗ, ସାଧ୍ୟାଙ୍ଗ, ଭିଙ୍କ, ଭାଗ୍ୟବନ୍ତ, ସୁଭଙ୍ଗ, ବିଭଙ୍ଗ

ଶୁଣିଣ ପରମ ସାନ୍ଦନ ହୋଇଲେ ମନୁ କଳ୍ପ ରାଜା
ଅଗସ୍ତିଙ୍କ ପଦ୍ମ ପାଦେ କଲେକ ପାର୍ଘ୍ୟ ପୂଜା ।୪୮ ।
ସାଧୁ ମହାତ୍ମା ତୁମ୍ଭେ ପରମ ପଣ୍ଡିତ ଅଗସ୍ତି
ଅମୃତ ରସ ମହାଭରଥ ଶୁଣି ପାଇଲି ପରମ ଗତି ।୪୯ ।
ମନୁ ବୋଇଲେ ୟେମାନେ ସମସ୍ତେ ହୋଇଲେ ଦହନ
ଗୋପ୍ୟାନେ ପାଣ୍ଡବେ ଯେ ଗଲେକ ଘୋର ବନ ।୫୦ ।
ୟେଥିର ବାରତା ସେ ପାଇଲାକ କୁରୁପତି
କିସ କିସ ବୋଇଲେ ସଭାୟେ କହିବା ମହାଯତି ।୫୧-୬୮୮୩ ।